# NATIONAL NEWS BULLETIN (ODIA)

**26 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନିଦିନିଆ ସିକ୍କିମ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।
- କ୍ୱାଡ ବୈଦେଶିକ ମନ୍ତ୍ରୀ ବୈଠକରେ ଅଷ୍ଟ୍ରେଲିଆ, ଜାପାନ ଓ ଆମେରିକା ବୈଦେଶିକ ମନ୍ତ୍ରୀଙ୍କ ସହିତ ଡକ୍ଟର ଏସ୍. ଜୟଶଙ୍କରଙ୍କ ଆଲୋଚନା ।
- ଏନ୍‌ଡିଏ ନେତୃତ୍ୱାଧୀନ ସରକାରକୁ ପୂରିଲା ୧୨ ବର୍ଷ

–୨୦୧୪ ମସିହା ଆଜିର ଦିନରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ନରେନ୍ଦ୍ର ମୋଦୀ

- ଇବୋଲା ସଂକ୍ରମଣ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରିକଲେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ।

ଏବଂ

- ଚଳିତ ଆଇପିଏଲ୍ ସଂସ୍କରଣର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ।

– ପ୍ରଥମ କ୍ୱାଲିଫାୟରରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମ୍ୟାଚ୍ ।

# ପ୍ରେଜ୍ ସିକ୍କିମ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିଦିନିଆ ସିକ୍କିମ ଗସ୍ତରେ ଯାଇ ଗ୍ୟାଙ୍ଗଟେକ୍‌ରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ରାଜ୍ୟପାଳ ଓମ୍‌ପ୍ରକାଶ ମାଥୁର, ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ଗସ୍ତକାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସିକ୍କିମରେ ମହିଳାମାନଙ୍କ ଲାଗି ନିରାପଦ ଯାତାୟତ ସୁବିଧା ନିମନ୍ତେ ପିଙ୍କ ବସ୍ ସେବାର ଶୁଭାରମ୍ଭ କରିବେ । ରାଷ୍ଟ୍ରପତି ମୁର୍ମୁ ସିକ୍କିମର ରିଜ ପାର୍କ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ରାଷ୍ଟ୍ରପତି ନମଗ୍ୟାଲ ତିବେତୋଲୋଜି ପ୍ରତିଷ୍ଠାନ ପରିଦର୍ଶନ କରିବେ । ସମ୍ପୃକ୍ତ ପ୍ରତିଷ୍ଠାନରେ ବୌଦ୍ଧ ସଂସ୍କୃତି ସମ୍ପର୍କିତ ବିରଳ ପାଣ୍ଡୁଲିପି ସଂରକ୍ଷିତ ହୋଇ ରହିଛି ।

ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ନାଥୁଲାପାସ୍ ଗସ୍ତ କରିବା ସହ ଗ୍ୟାଙ୍ଗଟକ୍‌ଠାରେ ସିକ୍କିମ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଗସ୍ତର ଶେଷ ଦିନରେ ରାଷ୍ଟ୍ରପତି ମୁର୍ମୁ ସିକ୍କିମ ପୋଲିସକୁ ରାଷ୍ଟ୍ରପତିଙ୍କ କଲାର ମେଡାଲ ପ୍ରଦାନ କରିବେ । ଏହି ସମ୍ମାନଜନକ କଲାର ପାଇବା କ୍ଷେତ୍ରରେ ସିକ୍କିମ ୧୫ତମ ରାଜ୍ୟ ହେବ ।

# କ୍ୱାଡ୍ ପ୍ରେସ୍ ଷ୍ଟେଟମେଣ୍ଟ

ନୂଆଦିଲ୍ଲୀରେ ଆଜି କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଅଧ୍ୟକ୍ଷତା

କରିଛନ୍ତି । ବୈଠକରେ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ଓଙ୍ଗ, ଜାପାନର ବୈଦେଶିକ ମନ୍ତ୍ରୀ ତୋଷିମିତଷୁ ମୋତେଗି ଏବଂ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଯୋଗ ଦେଇଥିଲେ ।

କ୍ୱାଡ ରାଷ୍ଟ୍ରସମୂହ ଭାରତ-ପ୍ରଶାନ୍ତ ମହାସାଗରୀୟ ସାମୁଦ୍ରିକ କ୍ଷେତ୍ରରେ ନିରୀକ୍ଷଣ ବୃଦ୍ଧି ଏବଂ ସମ୍ପୃକ୍ତ ଅଞ୍ଚଳରେ ଏକକ ପରିଚାଳନା ବ୍ୟବସ୍ଥା ନେଇ ସମ୍ମତି ପ୍ରକାଶ କରିଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଫିଜିରେ ବନ୍ଦର ପ୍ରକଳ୍ପ ଓ ସମୁଦ୍ର ମଧ୍ୟରେ କେବୁଲ ବିଛାଇବା କାର୍ଯ୍ୟ ଲାଗି ବନ୍ଦର ଭିତ୍ତିଭୂମି ଲାଗି ବିଶେଷଜ୍ଞ ଦଳ ଗଠନ ଉପରେ ନିଷ୍ପତ୍ତି ଗ୍ରହଣ କରିବେ । ସେ କହିଛନ୍ତି ଆଜିର ବୈଠକରେ ମୂଳତଃ ମହତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ ଢ଼ାଞ୍ଚା ଉପରେ ନିଷ୍ପତ୍ତି ହେବା ନେଇ ଆଲୋଚନା ହୋଇଛି । କ୍ୱାଡ୍ ଦେଶସମୂହ  ଭାରତ-ଆମେରିକା ମହତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଢ଼ାଞ୍ଚା ସ୍ୱୀକାର ନେଇ ହସ୍ତାକ୍ଷର କରିଛନ୍ତି ।

ବୈଠକରେ ପ୍ରଯୁକ୍ତି ବିଦ୍ୟା, ପରିଚାଳନା, ନୀତି ନିର୍ଦ୍ଧାରଣ, ଆନ୍ତର୍ଜାତିକ ବଜାର ଏବଂ ଜରୁରୀକାଳୀନ ପଦକ୍ଷେପ ନେଇ ଭାରତ-ପ୍ରଶାନ୍ତ ମହାସାଗରୀୟ ଶକ୍ତିସୁରକ୍ଷା ବିଷୟ ଘୋଷଣା କରାଯାଇଛି ।

ବୈଠକ ପରେ ଡକ୍ଟର ଜୟଶଙ୍କର କହିଛନ୍ତି କ୍ୱାଡ ଦେଶସମୁହ ମଧ୍ୟରେ ସହଯୋଗ ଆହୁରି ଦୃଢ଼ ହେବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିବା ସେ କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ସାମୁଦ୍ରିକ କ୍ଷେତ୍ରରେ କ୍ୱାଡ ଦେଶମାନଙ୍କ ମଧ୍ୟରେ ସୂଚନା ଆଦାନପ୍ରଦାନ, ନିରୀକ୍ଷଣ ବ୍ୟବସ୍ଥା, ପରିବହନ ନେଟୱାର୍କ, କେବୁଲ ବିଛାଇବା କାର୍ଯ୍ୟ, ପ୍ରଶିକ୍ଷଣ,

ଦକ୍ଷତା ନିର୍ମାଣ ଏବଂ ମାନବୀୟ ସହାୟତା କ୍ଷେତ୍ରରେ ପୂର୍ବାପେକ୍ଷା ସହଯୋଗ ବୃଦ୍ଧି ପାଇଛି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ କହିଛନ୍ତି, ମହତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଢ଼ାଞ୍ଚା କ୍ୱାଡ ଦେଶଗୁଡ଼ିକର ଆର୍ଥିକ ନୀତିକୁ ସୁଦୃଢ଼ କରିବା ସହ ନିବେଶ କ୍ଷେତ୍ରରେ ଅଧିକ ସମନ୍ୱୟ ଲାଗି ମାର୍ଗଦର୍ଶନ କରିବ । ଶ୍ରୀ ରୁବିଓ କହିଛନ୍ତି ଚଳିତବର୍ଷ ଶେଷଭାଗରେ ଆମେରିକା ଦ୍ୱାରା ଆୟୋଜିତ ହେବାକୁ ଥିବା ଇନ୍ଧନ ସୁରକ୍ଷା ମଞ୍ଚରେ କ୍ୱାଡ ଦେଶସମୂହ ଯୋଗଦେବେ । ଗଣମାଧ୍ୟମକୁ ସମ୍ବୋଧିତ କରି ଜାପାନର ବୈଦେଶିକ ମନ୍ତ୍ରୀ ତୋଷିମିତସୁ ମୋତେଗି, ହର୍ମୁଜ ପ୍ରଣାଳୀରେ ସ୍ୱତନ୍ତ୍ର ଏବଂ ସୁରକ୍ଷିତ ପରିବହନ ସୁନିଶ୍ଚିତ କରିବା ସହ ପଶ୍ଚିମ ଏସିଆରେ ସ୍ଥିରତା ଲାଗି କୂଟନୈତିକ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ଓ୍ୱଙ୍ଗ କହିଛନ୍ତି ଆଜିର ବୈଠକରେ ଶକ୍ତିସୁରକ୍ଷା ଏବଂ ମହତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ସକରାତ୍ମକ ଆଲୋଚନା ହୋଇଛି ।

## ଅମିତ ଶାହା-ରାଜସ୍ଥାନ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ରାଜସ୍ଥାନର ଭାରତ-ପାକ୍ ଆନ୍ତର୍ଜାତିକ ସୀମାରେ ଥିବା ସାଞ୍ଚୁ ସୀମାନ୍ତ ଆଉଟ୍‌ପୋଷ୍ଟ ପରିଦର୍ଶନ କରିଛନ୍ତି । ଶ୍ରୀ ଶାହା ଦେଶର ସୀମା ସୁରକ୍ଷାରେ ସେଠାରେ ମୁତୟନ ହୋଇଥିବା ସୀମା ସୁରକ୍ଷା ବଳ ବିଏସ୍‌ଏଫ୍ ଅଧିକାରୀମାନଙ୍କ ସହ କଥା

ହୋଇଛନ୍ତି । ଗସ୍ତ କାଳରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜସ୍ଥାନର ସୀମାବର୍ତ୍ତୀ ଅଞ୍ଚଳ ଲାଗି ଉଦ୍ଦିଷ୍ଟ ଭାଇବ୍ରାଣ୍ଟ ଭିଲେଜେସ୍ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ସର୍ଗ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ଆନ୍ତର୍ଜାତିକ ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ଥିବା ଗ୍ରାମାଞ୍ଚଳରେ ଶିକ୍ଷା, ରାସ୍ତା ସଂଯୋଗୀକରଣ, ବିଦ୍ୟୁତ୍ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ବିଭିନ୍ନ ପ୍ରକାରର ଭିତ୍ତିଭୂମି ଏବଂ ଆବଶ୍ୟକୀୟ ସୁବିଧା କରାଯାଉଛି । ଏହି କାର୍ଯ୍ୟକ୍ରମରେ ବାରମର, ବିକାନିର୍ ଏବଂ ଜୈସଲମେର୍ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ବିଏସ୍ଏଫ୍ ମହାନିର୍ଦ୍ଦେଶକ ପ୍ରବୀଣ କୁମାର, ଗୁଇନ୍ଦା ମୁଖ୍ୟ ତପନ ଡେକା ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ଶ୍ରୀ ଶାହା ବିକାନେରସ୍ଥିତ ବିଏସ୍ଏଫ୍ ମୁଖ୍ୟାଳୟରେ ସୀମା ସୁରକ୍ଷା ନେଇ ଅନୁଷ୍ଠିତ ହେବାକୁ ଥିବା ଏକ ବୈଠକରେ ଅଧ୍ୟକ୍ଷତା କରିବେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ରାଜସ୍ଥାନ ସରକାର ଏବଂ ବିଏସ୍ଏଫ୍‌ର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବେ ।

# ପିଏମ୍-୧୨ ଇୟର

ଏନ୍‌ଡିଏ ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଜି ୧୨ ବର୍ଷ ପୂରଣ କରିଛନ୍ତି । ଦେଶର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ମଧ୍ୟ ୧୨ ବର୍ଷର କାର୍ଯ୍ୟକାଳ ପୂରଣ କରିଛନ୍ତି । ୨୦୧୪ ମସିହା ମଇ ମାସ ୨୬ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଦେଶର ଚତୁର୍ଦ୍ଦଶ ପ୍ରଧାନମନ୍ତ୍ରୀ

ଭାବେ ନରେନ୍ଦ୍ର ମୋଦୀ ଶପଥ ଗ୍ରହଣ କରିଥିଲେ । କୋଟି କୋଟି ଭାରତୀୟଙ୍କ ପାଇଁ ନୂତନ ଆଶା ସଂଚାର କରି ଦେଶର ପ୍ରମୁଖ ନେତୃତ୍ୱ ଭାବରେ  ଶ୍ରୀ ମୋଦୀ ଦାୟିତ୍ୱ ଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶର ଗରିବ ଜନସାଧାରଣଙ୍କ ପାଇଁ ଜୀବନଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଦିଗରେ ପ୍ରୟାସ ଆରମ୍ଭ ହୋଇଥିଲା । ଶ୍ରୀ ମୋଦୀ ବିକାଶମୂଳକ ରାଜନୀତି ଉପରେ ଆସ୍ଥା ସ୍ଥାପନ କରିଥିଲେ ।

ଫଳରେ "ସବ୍ କା ସାଥ୍-ସବ୍ କା ବିକାଶ- ସବ୍‌କା ବିଶ୍ୱାସ ଓ ସବ୍ କା ପ୍ରୟାସ"ର ମନ୍ତ୍ର ନେଇ ଆରମ୍ଭ ହୋଇଥିଲା ଭାରତୀୟ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନର  ନୂଆ ସ୍ୱର । ଗତ ୧୨ ବର୍ଷରେ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ ପରିବର୍ତ୍ତନ ଘଟିଛି ଏବଂ ଲୋକମାନଙ୍କ ମଧ୍ୟରେ ବିଶ୍ୱାସ ଜାଗ୍ରତ ହୋଇଛି । ସାଧାରଣ ଲୋକଙ୍କର ଆବଶ୍ୟକତା ପୂରଣଠାରୁ ଆରମ୍ଭ କରି ଭିତ୍ତିଭୂମିର ବିକାଶ, ଅର୍ଥନୈତିକ ବ୍ୟବସ୍ଥାର ସୁଦୃଢ଼ୀକରଣ, ରୋଜଗାର ସୃଷ୍ଟି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବିଶ୍ୱ ସ୍ତରରେ ଦେଶର ମାନ ବୃଦ୍ଧି ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି  ବିଶ୍ୱରେ ନୂଆ ପରିଚୟ ପାଇଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ନରେନ୍ଦ୍ର ମୋଦୀ ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଅବସରରେ ଦେଶରେ ଘଟିଥିବା ବିକାଶଯାତ୍ରାକୁ ଦେଶର ପରିବର୍ତ୍ତନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଛନ୍ତି । ସେ କହିଛନ୍ତି ଭିତ୍ତିଭୂମି ବିକାଶ ଏବଂ ବିଶ୍ୱ ନେତୃତ୍ୱ ଦେଶର ସୁରକ୍ଷା ଢ଼ାଞ୍ଚାକୁ ସୁଦୃଢ଼

କରିବା ସହ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଉନ୍ନତିମୂଳକ କାର୍ଯ୍ୟରେ ଅଭୂତପୂର୍ବ ଅଗ୍ରଗତି ଘଟିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ଏବଂ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟ ଆହୁରି ଦୃଢ଼ ହୋଇଛି ।

## ଇବୋଲା ସଂକ୍ରମଣ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଇବୋଲା ସଂକ୍ରମଣ ବ୍ୟାପିବା ନେଇ ପରାମର୍ଶବଳୀ ଜାରି କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-ଡବ୍ଲ୍ୟୁଏଚ୍‌ଓ ଦ୍ୱାରା କଙ୍ଗୋ ଏବଂ ଉଗାଣ୍ଡାରେ ଇବୋଲା ସଂକ୍ରମଣକୁ ଆନ୍ତର୍ଜାତିକ ସାର୍ବଜନୀନ ଜରୁରୀକାଳୀନ ସ୍ୱାସ୍ଥ୍ୟ ବିପଦ ଭାବେ ଘୋଷଣା କରିବା ପରେ ମହାନିର୍ଦ୍ଦେଶାଳୟ ଏହି ପଦକ୍ଷେପ ନେଇଛି ।

ସୂଚନା ଅନୁଯାୟୀ ଉଗାଣ୍ଡା ଏବଂ କଙ୍ଗୋ ଗଣରାଜ୍ୟକୁ ଉଡାଣ କରୁଥିବା ବିମାନ ଅବତରଣ କରିବା ପୂର୍ବରୁ ଯାତ୍ରୀମାନଙ୍କୁ ଏକ ସ୍ୱତନ୍ତ୍ର ଫର୍ମ ପୂରଣ କରିବାକୁ ହେବ । ଯଦି ଯାତ୍ରା ସମୟରେ କୌଣସି ଯାତ୍ରୀଙ୍କ କ୍ଷେତ୍ରରେ ଜ୍ୱର, ଦୁର୍ବଳତା, ମାଂସପେଶୀରେ ଯନ୍ତ୍ରଣା ଭଳି ଲକ୍ଷଣ ପ୍ରକାଶ ପାଏ ତେବେ ଉଚ୍ଚ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେବାଲାଗି ନିର୍ଦ୍ଦେଶ ଦିଆଯାଇଛି । ସେ କ୍ଷେତ୍ରରେ ସଂପୃକ୍ତ ଯାତ୍ରୀଙ୍କୁ ବିମାନର ପଛଭାଗରେ

ବସାଯିବା ସହ ନିକଟରେ ଥିବା ଆସନଗୁଡ଼ିକୁ ଖାଲି ରଖିବାକୁ କୁହାଯାଇଛି । ପ୍ରତ୍ୟେକ ବିମାନରେ ଆବଶ୍ୟକୀୟ ମେଡ଼ିକାଲ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣର ରଖିବାଲାଗି ମହାନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛନ୍ତି ।

## ଶିବରାଜ-ବୁକ୍

ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟାନାଇଡୁ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା ଆଜି ନୂଆଦିଲ୍ଲୀରେ କେନ୍ଦ୍ର କୃଷି ସ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନଙ୍କ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକର ଶୀର୍ଷକ ରହିଛି 'ଆପ୍‌ନା ପନ୍-ନରେନ୍ଦ୍ର ମୋଦୀ ସଙ୍ଗ ମେରେ ଅନୁଭବ' । ଏହି ଅବସରରେ ମନ୍ତ୍ରୀ ତଥା ଲେଖକ ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦଶନ୍ଧି ଧରି କାର୍ଯ୍ୟ କରିବାର ଅଭିଜ୍ଞତା ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଏକତା ଯାତ୍ରା ସମୟରେ ନିଜର ଅଭିଜ୍ଞତା ବିଷୟ ବର୍ଣ୍ଣନା କରି ଶ୍ରୀ ଚୌହ୍ୱାନ କହିଛନ୍ତି, ଜାମ୍ମୁ-କାଶ୍ମୀରର ଶ୍ରୀନଗରସ୍ଥିତ ଲାଲଚୌକ୍‌ଠାରେ ଜାତୀୟ ପତାକା ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶପ୍ରତି ଥିବା ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ନରେନ୍ଦ୍ର ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଏବଂ ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଉଭୟ ରାଜ୍ୟର

ଜନସାଧାରଣଙ୍କ ଜୀବନଧାରଣର ମାନ ସହଜ କରିବା ଲାଗି ଅନେକ ପଦକ୍ଷେପ ନେଇଥିବା କହିଥିଲେ ।

## କେରଳ-ମନସୁନ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି କିମ୍ବା ଆସନ୍ତାକାଲି କେରଳ ଛୁଇଁବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ପୂର୍ବରୁ ଚଳିତମାସ ଶେଷ ସୁଦ୍ଧା ମୌସୁମୀବାୟୁ ଆଗମନ ନେଇ ବିଭାଗ ପୂର୍ବାନୁମାନ କରିଥିଲା । ପାଣିପାଗ ବିଭାଗ ପକ୍ଷରୁ କେରଳମର ଥିରୁଅନନ୍ତପୁରମ, କୋଲାମ ଏବଂ ଆଲପୁଝା ଜିଲ୍ଲାରେ ମୌସୁମୀବାୟୁ ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି । ତେବେ କେରଳମର ୧୪ଟି ପାଣିପାଗ କେନ୍ଦ୍ର ମଧ୍ୟରୁ ୬୦ପ୍ରତିଶତ କେନ୍ଦ୍ର ମୌସୁମୀବାୟୁ  ଆଗମନ ନେଇ ନିଶ୍ଚିତ କରିବା ପରେ ସରକାରୀ ଭାବେ ଏହା ଘୋଷଣା କରାଯିବ ।

## ଆଇପିଏଲ୍

ଚଳିତ ଆଇପିଏଲ୍ ସଂସ୍କରଣର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହେଉଛି । ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁର, ସନ୍‌ରାଇଜର୍ସ ହାଇଦ୍ରାବାଦ୍, ଗୁଜରାଟ ଟାଇଟନ୍ସ ଏବଂ ରାଜସ୍ଥାନ ରୟାଲ୍ସ ପ୍ଲେଅଫ୍ ପର୍ଯ୍ୟାୟକୁ ଉନ୍‌ନିତ ହୋଇଛନ୍ତି ।

ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ଠାରେ ଆଜି ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟାନ୍ସ ପରସ୍ପରକୁ ଭେଟିବେ । ଏହି ମ୍ୟାଚ୍‌ର ବିଜେତା ଚଳିତ ସଂସ୍କରଣର ଫାଇନାଲ୍ ପର୍ଯ୍ୟାୟକୁ ସିଧାସଳଖ ଉନ୍ନିତ ହେବ । ତେବେ ପରାଜିତ ଦଳ ଦ୍ୱିତୀୟ କ୍ୱାଲିଫାୟାର୍ ଖେଳିବ । ଆସନ୍ତାକାଲି ମୋହାଲି କ୍ରିକେଟ୍ ପଡ଼ିଆରେ ସନ୍ଧ୍ୟା ସାଢ଼େ ୭ଟାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଏଲିମିନେଟର ମ୍ୟାଚ୍ ଖେଳାଯିବ । ବିଜୟୀ ଦଳ କ୍ୱାଲିଫାଇଂ ପର୍ଯ୍ୟାୟକୁ ଉନ୍ନିତ ହେବ । ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ।

ଚଳିତ ସଂସ୍କରଣରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୧୪ଟି ମ୍ୟାଚ୍‌ରୁ ୧୮ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି ।